# NATIONAL NEWS BULLETIN (ODIA)

**14 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଅଶୀଅଶୀତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଆଜି ସଂନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି ।

- ଦିଲ୍ଲୀସ୍ଥିତ ଐତିହାସିକ ଲାଲକିଲ୍ଲାରେ ଆସନ୍ତାକାଲି ସ୍ୱାଧୀନତା ଦିବସର ମୁଖ୍ୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରିବେ ପ୍ରଧାନମନ୍ତ୍ରୀ ।

- ହର୍ ଘର୍ ତିରଙ୍ଗା ଅଭିଯାନରେ ଦେଶର ସବୁବର୍ଗର ଲୋକ ସାମିଲ ହେବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।

ଏବଂ

- ଅଦମ୍ୟ ସାହସ ପ୍ରଦର୍ଶନ ଲାଗି ୧୬ଜଣ ସୀମା ପ୍ରହରୀଙ୍କ ସମେତ ଏକହଜାର ୯୦ଜଣ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯିବ ସ୍ୱତନ୍ତ୍ର ସାହସିକତା ଓ ସେବା ପୁରସ୍କାର ।

# ରାଷ୍ଟ୍ରପତି ଉଦ୍‌ବୋଧନ

ଦେଶ ଆସନ୍ତାକାଲି ଅଣାଅଶୀତମ ସ୍ୱାଧୀନତା ଦିବସ ପାଳନ କରିବ । ଏହା ପୂର୍ବରୁ ଆଜି ସନ୍ଧ୍ୟା ୭ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ । ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍‌ରେ ଉଭୟ ହିନ୍ଦୀ ଓ ଇଂରାଜୀରେ ଏହାର ସିଧା ପ୍ରସାରଣ କରାଯିବ । ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପରେ ଦୂରଦର୍ଶନରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ଆକାଶବାଣୀରେ ରାତି ୯ଟା ୩୦ ମିନିଟ୍ ସମୟରେ ଆଞ୍ଚଳିକ ଭାଷାନ୍ତରଣ ପ୍ରସାରିତ ହେବ ।

# ପିଏମ୍-ଇଣ୍ଡିପେଣ୍ଡେନ୍ସ ଡେ

ଦେଶ ଆସନ୍ତାକାଲି ଅଣାଅଶୀତମ ସ୍ୱାଧୀନତା ଦିବସ ପାଳନ କରିବ । ଦିଲ୍ଲୀସ୍ଥିତ ଐତିହାସିକ ଲାଲକିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ମୁଖ୍ୟ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତୃତ୍ୱ ନେବେ । ପ୍ରଧାନମନ୍ତ୍ରୀ ଆସନ୍ତାକାଲି ସକାଳେ ଲାଲକିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ । ଏ ସମ୍ପର୍କରେ ଏକ ରିପୋର୍ଟ...

**V/O**

୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ସମ୍ପର୍କିତ ସରକାରଙ୍କ ଦୃଷ୍ଟିକୋଣକୁ ସାକାର କରିବା ଲାଗି ଚଳିତବର୍ଷ ସ୍ୱାଧୀନତା ଦିବସର ବାର୍ତ୍ତା ରହିଛି 'ନୂଆ ଭାରତ' । ଏକ ସମୃଦ୍ଧ, ସୁରକ୍ଷିତ ଏବଂ ଦୃଢ଼ ସଂକଳ୍ପ ସମ୍ପନ୍ନ ନୂତନ ଭାରତ ଗଠନ ଦିଗରେ ସ୍ୱାଧୀନତା ଦିବସ ପାଳନ ସମାରୋହ ଏକ

ସ୍ମାରକୀ ମଞ୍ଚ ଭାବେ ସହାୟକ ହେବା ସହିତ ବିକାଶ ପଥରେ ଆଗେଇବାରେ ପ୍ରେରଣା ଯୋଗାଇବ । ଚଳିତବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ପହଲଗାମ ଆତଙ୍କବାଦ ଆକ୍ରମଣ ପରିପ୍ରେକ୍ଷୀରେ ଭାରତର ଅପରେସନ ସିନ୍ଦୂରର ସଫଳତାକୁ ମଧ୍ୟ ପାଳନ କରାଯିବ । ଏହି ଜାତୀୟସ୍ତରୀୟ ଉତ୍ସବ ପାଳନ ଲାଗି କରାଯାଇଥିବା ନିମନ୍ତ୍ରଣ ପତ୍ରରେ ଅପରେସନ ସିନ୍ଦୂରର ଲୋଗୋ ଏବଂ ଚେନାବ ବନ୍ଧର ପ୍ରତୀକ ସ୍ଥାନ ପାଇଛି । ଜନସାଧାରଣଙ୍କ ମଧ୍ୟରେ ଦେଶମାତୃକା ପ୍ରତି ଭକ୍ତିଭାବ ଜାଗ୍ରତ କରାଇବା ତଥା ଅପରେସନ ସିନ୍ଦୂର ବିଜୟର ସଫଳତା ପାଳନ ଲାଗି ପ୍ରଥମଥର ଲାଗି ସ୍ୱାଧୀନତା ଦିବସ ସଂଧ୍ୟାରେ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ଅନେକଗୁଡ଼ିଏ ବାଦ୍ୟଯନ୍ତ୍ର ପରିବେଷଣ କରାଯିବ ।

ବିଶେଷକରି ଦେଶର ତିନିସେନା / ଏନ୍‌ସିସି / ଭାରତୀୟ ତଟରକ୍ଷୀ ବାହିନୀ / ସି.ଆର୍.ପି.ଏଫ୍ / ଆଇ.ଟି.ବି.ପି / ସି.ଆଇ.ଏସ୍.ଏଫ୍ . ଏସ୍.ଏସ୍.ବି / ସୀମା ସୁରକ୍ଷା ବାହିନୀ / ଆଇ.ଡି.ଏସ୍ / ରେଳବାଇ ସୁରକ୍ଷା ବାହିନୀ ଏବଂ ଆସାମ ରାଇଫଲ୍ସ ପକ୍ଷରୁ ଦେଶର ୧୪୦ରୁ ଅଧିକ ସ୍ଥାନରେ ଏହି ବାଦ୍ୟ ପରିବେଷଣ କରାଯିବାର କାର୍ଯ୍ୟସୂଚୀ ରହିଛି ।

**V/O (New Anand)**

ଆସନ୍ତାକାଲି ଲାଲକିଲ୍ଲାଠାରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟ ସମାରୋହରେ ଦେଶବ୍ୟାପୀ ସମାଜର ବିଭିନ୍ନ ବର୍ଗର ପ୍ରାୟ ୫ହଜାର ସ୍ୱତନ୍ତ୍ର ଅତିଥିଙ୍କୁ ଯୋଗଦେବାଲାଗି ନିମନ୍ତ୍ରଣ କରାଯାଇଛି । ସେମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅଲମ୍ପିକ ୨୦୨୫ରେ ଭାଗନେଇଥିବା ଭାରତୀୟ ଖେଳାଳି, ବିଭିନ୍ନ ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଭାରତୀୟ ଏବଂ ଖେଲୋ ଇଣ୍ଡିଆ ପାରା ପ୍ରତିଯୋଗିତାର ସ୍ୱର୍ଣ୍ଣପଦକଧାରୀମାନେ ଅନ୍ତର୍ଭୁକ୍ତ ।

ଏହି ସମାରୋହରେ ଯୋଗଦେବାଲାଗି ୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୧୦ଜଣ ପଞ୍ଚାୟତ ପ୍ରତିନିଧିଙ୍କୁ ମଧ୍ୟ ସ୍ୱତନ୍ତ୍ର ଅତିଥିଭାବେ ନିମନ୍ତ୍ରଣ କରାଯାଇଛି । ଗ୍ରାମ ପଞ୍ଚାୟତରେ ଉନ୍ନତ ଭିତ୍ତିଭୂମି ସେବା ଓ ସାମୁହିକ ପଦକ୍ଷେପ ଗ୍ରହଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଥିବା ଏହି ଅତିଥିମାନଙ୍କୁ ଆଜି ନୂଆଦିଲ୍ଲୀଠାରେ ସମ୍ବର୍ଦ୍ଧିତ କରାଯିବ । ଚଳିତବର୍ଷ ଏହି କାର୍ଯ୍ୟକ୍ରମର ବାର୍ତ୍ତା ରହିଛି "ଆତ୍ମ ନିର୍ଭର ପଞ୍ଚାୟତ - ବିକଶିତ ଭାରତର ପରିଚୟ" । ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ଶୁଭେନ୍ଦୁ କୁମାର ପଣ୍ଡା ।

# ଅମୃତ ଉଦ୍ୟାନ-ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନଠାରେ ଅମୃତ ଉଦ୍ୟାନର ଗ୍ରୀଷ୍ମକାଳୀନ ବାର୍ଷିକୀ ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି। ଏହା ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।  ଜନସାଧାରଣ ଆସନ୍ତା ଶନିବାରଠାରୁ ଦିନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହାକୁ ଦେଖିପାରିବେ। ଆସନ୍ତା ୨୯ ତାରିଖଦିନ ଜାତୀୟ କ୍ରୀଡା ଦିବସ ଅବସରରେ କ୍ରୀଡାବିତ୍‌ମାନଙ୍କୁ ଅମୃତ ଉଦ୍ୟାନ ପ୍ରବେଶ ଲାଗି ସ୍ୱତନ୍ତ୍ର ଅନୁମତି ପ୍ରଦାନ କରାଯାଉଥିବାବେଳେ ଆସନ୍ତାମାସ ୫ ତାରିଖ ଦିନ ଗୁରୁଦିବସ ଅବସରରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଲାଗି ମଧ୍ୟ ଅନୁରୂପ ସୁବିଧା ଉପଲବ୍ଧ ହେବ। ଏହି ଅବସରରେ ବାଲ୍‌ବାଟିକା, ଔଷଧୀୟ

ବଗିଚା, କେନ୍ଦ୍ରୀୟ ଲନ୍ ଭଳି କେତେକ ସ୍ୱତନ୍ତ୍ର ସ୍ଥାନ ପରିଦର୍ଶନ କରାଯାଇପାରିବ। ଅମୃତ ଉଦ୍ୟାନକୁ ପ୍ରବେଶ ଲାଗି କୌଣସି ଦେୟ ପଡିବ ନାହିଁ। ତେବେ, ସଂରକ୍ଷଣ କାର୍ଯ୍ୟ ଲାଗି ଏହି ଉଦ୍ୟାନ ସମସ୍ତ ସୋମବାର ବନ୍ଦ ରହିବ ବୋଲି ଜଣାପଡିଛି। ଶୁଣନ୍ତୁ ଏକ ରିପୋର୍ଟ...

**V/O (Nabika Gupta)**

## ଆଇ ଡେ ପୋଲିସ ମେଡାଲ୍ସ

ସ୍ୱାଧୀନତା ଦିବସ ଅବସରରେ ଆସନ୍ତାକାଲି ଏକହଜାର ୯୦ଜଣ ସୁରକ୍ଷା ଅଧିକାରୀଙ୍କୁ ସ୍ୱତନ୍ତ୍ର ସାହସିକତା ଓ ସେବା ପୁରସ୍କାର ପ୍ରଦାନ କରାଯିବ । ପୁଲିସ ଅଧିକାରୀ, ଅଗ୍ନିଶମ ବାହିନୀ, ହୋମ୍‌ଗାର୍ଡ ଏବଂ ପ୍ରତିରକ୍ଷା କ୍ଷେତ୍ରର ବିଭିନ୍ନ କର୍ମଚାରୀଙ୍କୁ ଏହି ମେଡାଲରେ ସମ୍ମାନିତ କରାଯିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସାହସିକତା ପାଇଁ ୨୩୩ଜଣଙ୍କୁ ପଦକ ପ୍ରଦାନ କରାଯିବାକୁ ଥିବାବେଳେ ୯୯ଜଣଙ୍କୁ ରାଷ୍ଟ୍ରପତିଙ୍କ ମେଡାଲ ପ୍ରଦାନ କରାଯିବ । ସେହିପରି ଉଲ୍ଲେଖନୀୟ ସେବା ନିମନ୍ତେ ୭୫୮ଜଣଙ୍କୁ ସେବା ମେଡ଼ାଲ ପ୍ରଦାନ କରାଯିବ ।

## ବିଏସ୍ଏଫ୍-ଗ୍ୟାଲେଣ୍ଟ୍ରି ମେଡାଲ

ସୀମା ସୁରକ୍ଷା ବଳ ବିଏସ୍ଏଫ୍‌ର ୧୬ଜଣ ସାହସି ସୀମା ପ୍ରହରୀଙ୍କୁ ସ୍ୱାଧୀନତା ଦିବସ ଅବସରରେ ଉଲ୍ଲେଖନୀୟ ସାହସ ପ୍ରଦର୍ଶନ ଲାଗି

ସାହସିକତା ପଦକ ପ୍ରଦାନ କରାଯିବ । ଏହି ୧୬ଜଣ ସୀମା ପ୍ରହରୀମାନେ ଅପରେସନ ସିନ୍ଦୂର ସମୟରେ ଅଦମ୍ୟ ସାହସ ପ୍ରଦର୍ଶନ କରିଥିଲେ । ବିଏସ୍ଏଫ୍ ପକ୍ଷରୁ କୁହାଯାଇଛି ଦେଶର ବିଶ୍ୱାସ ଏବଂ ଭରସାକୁ ପାଥେୟ କରି ସୀମା ସୁରକ୍ଷା ବଳ ଦେଶର ଆଗଧାଡିର ସୁରକ୍ଷା ପାଲଟିଛି ।

## ହର ଘର ତିରଙ୍ଗା ର୍ୟାଲି

ହର୍ ଘର୍ ତିରଙ୍ଗା ଅଭିଯାନରେ ଦେଶର ସବୁବର୍ଗର ଲୋକ ବିଶେଷକରି ଯୁବବର୍ଗ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ଦେଶମାତୃକା ପ୍ରତି ନିଜର ସମ୍ମାନ ତଥା ଶ୍ରଦ୍ଧାସ୍ୱରୂପ ଦେଶବ୍ୟାପୀ ଚାଲିଥିବା ହର୍ ଘର୍ ତିରଙ୍ଗା ଅଭିଯାନରେ ଅଂଶଗ୍ରହଣ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

ଚେନ୍ନାଇରେ ଆଜି ଅନୁଷ୍ଠିତ ହର୍ ଘର୍ ତିରଙ୍ଗା ର୍ୟାଲିରେ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍ ମୁରୁଗାନ୍ ଯୋଗଦେଇ କହିଛନ୍ତି ୨୦୪୭ ସୁଦ୍ଧା ଭାରତ ଅର୍ଥନୈତିକ ମହାଶକ୍ତି ଭାବରେ ଉଭା ହେବ । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଭିତ୍ତିଭୂମି ନିର୍ମାଣ, ଅର୍ଥନୀତିର ସୁଦୃଢ଼ୀକରଣ, ଶିକ୍ଷା ଏବଂ ଉପେକ୍ଷିତ ବର୍ଗଙ୍କୁ କ୍ଷମତାପନ୍ନ କରିବା ଲାଗି ଅନେକଗୁଡ଼ିଏ ଜନକଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରାଯାଇଛି । ସେ କହିଛନ୍ତି ଗତ ୧୦ ବର୍ଷରେ କେନ୍ଦ୍ର ସରକାରଙ୍କ ସହାୟତାରେ ତାମିଲନାଡୁରେ ଅନେକଗୁଡ଼ିଏ ଯୋଜନା କାର୍ଯ୍ୟକାରୀ ହୋଇଛି । ସେ କହିଛନ୍ତି ଦେଶର

ପ୍ରାୟ ୨୫କୋଟିରୁ ଅଧିକ ଗରିବ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଆସିପାରିଛନ୍ତି । ଏହି ଅବସରରେ ଡକ୍ଟର ମୁରୁଗାନ ଦେଶବାସୀଙ୍କୁ ନିଜନିଜ ଘରେ ଜାତୀୟ ପତାକା ଉଡ଼ାଇବା ଲାଗି ଆହ୍ୱାନ ଦେଇଛନ୍ତି ।

ହର୍ ଘର୍ ତିରଙ୍ଗା ଅଭିଯାନରେ ଚଣ୍ଡିଗଡ ଶିଳ୍ପ ଓ ପର୍ଯ୍ୟଟନ ବିକାଶ ନିଗମ ପକ୍ଷରୁ ଏକ ବୋଟ୍ ର୍ୟାଲି ଅନୁଷ୍ଠିତ ହୋଇଯାଇଛି । ପ୍ରସିଦ୍ଧ ସୁଖନା ହ୍ରଦରେ ଏହି ବୋଟ୍ ର୍ୟାଲି ଆୟୋଜିତ ହୋଇଥିଲା । ୧୨୫ରୁ ଅଧିକ ବୋଟ୍ ଏଥିରେ ଭାଗ ନେଇଥିଲେ । ଚଣ୍ଡିଗଡ ପ୍ରଶାସନ ପକ୍ଷରୁ ମୁଖ୍ୟ ଶାସନ ସଚିବ ରାଜୀବ ବର୍ମା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।

## ଇସି-ଏସ୍ଆଇଆର୍

ନିର୍ବାଚନ ଆୟୋଗ କହିଛନ୍ତି ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନର ଚିଠା ତାଲିକା ପ୍ରକାଶ ପାଇବାର ଆଜି ୧୪ଦିନ ସୁଦ୍ଧା କୌଣସି ଅଭିଯୋଗ ଆସିନାହିଁ । କୌଣସି ରାଜନୈତିକ ଦଳ ପକ୍ଷରୁ କୌଣସି ଅଭିଯୋଗ କିମ୍ବା ପରାମର୍ଶ ଆସିନଥିବା ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସ୍ୱଷ୍ଟ କରାଯାଇଛି । ତେବେ କମିଶନ କହିଛନ୍ତି ଭୋଟରମାନଙ୍କଠାରୁ ୨୩ହଜାର ୫୫୭ଟି ଅଭିଯୋଗ ଆସିଛି ଏବଂ ଏହା ଉପରେ ନିର୍ବାଚନ ଆୟୋଗ କାର୍ଯ୍ୟ କରୁଛନ୍ତି । ଅଭିଯୋଗ ଗୁଡ଼ିକର ସତ୍ୟାସତ୍ୟ ଯାଞ୍ଚ କରାଯିବା ପରେ ଭୋଟର ତାଲିକା ଆବଶ୍ୟକ ସଂଶୋଧନ କରାଯିବ ବୋଲି ଆୟୋଗ କହିଛନ୍ତି ।

ଏ ସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ରହିଛି । ପୂର୍ବରୁ ଅନେକଥର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସେ କହିଛନ୍ତି ।

**V/O (Kiran Rijiju)**

# ଏସ୍‌ସି-ଷ୍ଟ୍ରେ ଡଗ୍‌ସ

ବୁଲା କୁକୁରଙ୍କୁ ଦିଲ୍ଲୀ ଏନ୍‌ସିଆର୍‌ରୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ଲାଗି ଗତ ୧୧ ତାରିଖରେ ସୁପ୍ରିମକୋର୍ଟର ଏକ ଦୁଇଜଣିଆ ଖଣ୍ଡପୀଠଙ୍କ ଆଦେଶ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ସ୍ଥଗିତାଦେଶ ଜାରି କରିଛନ୍ତି । ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦିପ ମେହେଟ୍ଟା ଏବଂ ଜଷ୍ଟିସ୍ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଜଆଡୁ ଏହି ମାମଲାର ଶୁଣାଣି କରିଥିଲେ । ପୂର୍ବରୁ ଦୁଇଜଣିଆ ଖଣ୍ଡପୀଠଙ୍କ ଆଦେଶ ନେଇ କେତେଜଣ ଆଇନ୍‌ଜୀବୀ ପ୍ରଧାନ ବିଚାରପତିଙ୍କ ଠାରେ ଆବେଦନ କରିଥିଲେ । ଅଗଷ୍ଟ ୧୧ର ନିର୍ଦ୍ଦେଶନାମା ପୂର୍ବ ନିର୍ଦ୍ଦେଶ ଗୁଡ଼ିକର ବିରୋଧାଭାସ କରୁଛି ବୋଲି ଦର୍ଶାଯାଇଥିଲା ।